# Akashvani, Sambalpur

## SAMBALPURI NEWS EVENING BULLETIN

## 23 August 2025- 7.02 pm- 7.12 pm.

*********************************************

୧- ଓଡ଼ିଶା ଅଗ୍ନିଶମ ବିଭାଗ୍ ନିଜର୍ କାର୍ଯ୍ୟଦକ୍ଷତା ଲାଗି ଦେଶେ ଭିନେ ପରିଚୟ ପାଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

୨- ଜନଜାତି ମାନ୍‌କର୍ ଯୋଜ୍‌ନାର୍ କାର୍ଯ୍ୟକାରିତା ବେଲ୍‌କେ ଅଧିକାରୀମାନେ ସହାନୁଭୂତି ଭାବ୍ ରଖିବାର୍‌କେ ପରାମର୍ଶ ଦେଲେ ରାଜ୍ୟପାଲ୍ ।

୩- ପଶ୍ଚିମ ଓଡ଼ିଶା ନ ଆଏଜ୍ ପାଲନ୍ କରାଯାଉଛେ ପୁରା ଉଆଁସ୍ ପରବ୍ ।

ଆଉର୍

୪- ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଲାଗି ରହିଛେ ବର୍ଷା- ହୀରାକୁଦ୍ ନ ଖୁଲାହେଲା ୮ ଟା ଗେଟ୍ ।

ଅଗ୍ନିଯୋଦ୍ଧା -ଦୀକ୍ଷାନ୍ତ ସମାରୋହ   ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ଅଗ୍ନିଶମ ବିଭାଗ୍ ନିଜର୍ କାର୍ଯ୍ୟଦକ୍ଷତାକେ ନେଇକରି ସାରା ଦେଶେ ଭିନେ ପରିଚୟ କରିପାରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଥିବା ଅଗ୍ନିଶମ ଆଉ ବିପତି ନିସ୍ତାର୍ ପ୍ରତିଷ୍ଠାନ୍ ନ ହେଇଥିବା ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀମାନ୍‌କର୍ ୬୧ ନମ୍ବର୍ ବେଚ୍‌ର ଦୀକ୍ଷାନ୍ତ ସମାରୋହଥି ଯୋଗ୍ ଦେଇକରି ଶ୍ରୀ ମାଝୀ ଖୋବ୍ ଜଲ୍‌ଦି ରାଜ୍ୟ ଦେଶର୍ ୩ ନମ୍ବର୍ ଶ୍ରେଷ୍ଠ ଅଗ୍ନିଶମ ବିଭାଗ୍‌ର ମାଏନ୍‌ତା ପାଏବା ବଲି କହିଛନ୍ ।

କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବାର୍ ସହେତେ ପ୍ରଶିକ୍ଷାର୍ଥୀମାନ୍‌କର୍ ପରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଅଗ୍ନିଶମ ସେବାର ସ୍ୱତନ୍ତ୍ର ସଂଗୀତକେ ଉନ୍ମୋଚନ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ଇ ଖେପ୍‌ଥି ୯ ଶହ ୧୧ ଝନ୍ ଅଗ୍ନିଯୋଦ୍ଧା ତାଲିମ୍ ନେଇଛନ୍ । ବନ୍ୟା ବାତ୍ୟା ବାଗିର୍ ବିପର୍ଯ୍ୟୟର୍ ମୁକାବିଲା ଲାଗି ଇ ମାନ୍‌କୁ ଖାସ୍ ତାଲିମ୍ ଦିଆଯାଇଛେ । ଗଲା ନଭେମ୍ବର୍ ମାସେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅଗ୍ନିଯୋଦ୍ଧାମାନ୍‌କୁ ନିଯୁକ୍ତିପତ୍ର ଦେଇଥିଲେ ।

ଜାତୀୟ ମହାକାଶ୍ ଦିବସ       ଏନ୍‌ଏସ୍‌ଡି

‘ଆର୍ଯ୍ୟଭଟଙ୍କର୍ ଠାନୁ ଗଗନ୍ ଯାନ - ପାରମ୍ପରିକ୍ ଜ୍ଞାନ୍ ଠାନୁ ଅସୀମିତ ସମ୍ଭାବନା’ ବିଷୟବସ୍ତୁକେ ନେଇକରି ସାରା ଦେଶେ ଆଏଜ୍  ପାଲନ୍ କରାଯାଉଛେ ଜାତୀୟ ମହାକାଶ୍ ଦିବସ୍ । ଚନ୍ଦ୍ରଯାନ୍-୩ ର ସଫଲତାକେ ସୁର୍ତା କରିକରି ଇ ଦିବସ୍ ପାଲନ୍ କରାଯାଉଛେ । ୨୦୨୩ ଅଗଷ୍ଟ ୨୩ ତାରିଖ୍ ଦିନ ଚନ୍ଦ୍ରଯାନ ୩ ମହାକାଶ୍ ଅଭିଯାନ୍ ଜରିଏ ଲେଣ୍ଡର୍ ବିକ୍ରମ୍ ସଫଲତାର୍ ସହେତେ ଚନ୍ଦ୍ରପୃଷ୍ଠକେ ପୁହୁଁଚିଥିଲା ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ମହାକାଶ୍ ଦିବସ୍ ଅବ୍‌ସରେ ଇ କ୍ଷେତ୍ର ସାଙ୍ଗେ ଜୁଡ଼ି ହେଇଥିବା ସବୁ ବ୍ୟକ୍ତି, ବୈଜ୍ଞାନିକ୍ ଆଉ ଯୁଆନ୍ ପିଢ଼ିକେ ଶୁଭେଚ୍ଛା ଜନେଇଛନ୍ । ଗୁଟେ ଭିଡ଼ିଓ ବାର୍ତାଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଖୋବ୍ କମ୍ ସମିଆ ଭିତ୍‌ରେ ମହାକାଶ୍ କ୍ଷେତ୍ର ଉତ୍ସାହ ଆଉ ଆକର୍ଷଣର୍ କେନ୍ଦ୍ରବିନ୍ଦୁ ହେଇଛେ । ଆଝିରର୍ ଭାରତ୍ ଅର୍ଦ୍ଧ-କ୍ରାୟୋଜେନିକ୍ ଇଞ୍ଜିନ୍ ଆଉ ବୈଦ୍ୟୁତିକ୍ ପ୍ରଚଲନ୍ ବାଗିର୍ ପ୍ରଯୁକ୍ତି ବିଦ୍ୟାଥି ଜୋର୍‌ରେ ଆଗ୍‌କେ ବଢ଼ି ଚାଲିଛେ । ବହୁତ୍ ଜଲ୍‌ଦି ଦେଶେ ଗଗନ୍ ଯାନ ଅଭିଯାନ୍ ମୁଲ୍ କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମହାକାଶ୍ ଦିବସ୍ ଅବ୍‌ସରେ ମହାକାଶ୍ ବିଭାଗ୍ ତର୍‌ଫୁ ମାସେ ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍

କରାଯାଉଛେ । ସେନ୍ତା ମହାକାଶ୍ ଗବେଷଣା ପ୍ରତିଷ୍ଠାନ୍ ଇସ୍ରୋ ତର୍ଫୁ ଗଲାକାଏଲ୍ଠାନୁ ମହାକାଶ୍ ଆଲୋଚନା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ ।

ରାଜ୍ୟପାଲ୍- ସମୀକ୍ଷା I&PR

ଜନଜାତି ମାନ୍କର୍ ଲାଗି ରହିଥିବା ଯୋଜ୍ନା ମାନ୍କର୍ କାର୍ଯ୍ୟକାରିତା ସମିଆଥି ଅଧିକାରୀମାନେ ମାନବିକ ଆଉ ସହାନୁଭୂତିଶୀଳ ହେଉନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ରାଜ୍ଭବନ୍ ଠାନେ ଆଏଜ୍ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍, ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍, ପଂଚାୟତିରାଜ୍ ଆଉ ପାନୀୟ ଜଲ ବିଭାଗ୍ର ସମୀକ୍ଷା କରିକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍ପାଟି କହିଛନ୍, ଜନଜାତି ମାନ୍କର୍ କଲ୍ୟାଣ୍ ଲାଗି ରାଜ୍ୟ ଆଉ କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ବହୁତ୍ଟେ ଯୋଜ୍ନା କାର୍ଯ୍ୟକାରୀ କରାଯାଉଛେ । ଯୋଜ୍ନା ବାବ୍ଦେ ସେମାନ୍କୁ ସଚେତନ୍ କରିପାର୍ଲେ ତାର୍ ସୁଫଲ୍ ମିଲ୍ବା ବଲି ରାଜ୍ୟପାଲ୍ କହିଛନ୍ । ଇତାର୍ସହେତେ ବିଭାଗ୍ ମାନ୍କର୍ ତର୍ଫୁ ଯୋଜ୍ନା ବାବଦ୍ ପୁସ୍ତିକା ତିଆର୍ କରିକରି ଲୁକ୍କୁ ବାଂଟ୍ବାର୍କେ ରାଜ୍ୟପାଲ୍ ପରାମର୍ଶ

ଦେଇଛନ୍ । ବୈଠକ୍‌ଥି ବିଭାଗୀୟ ମନ୍ତ୍ରୀ ମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ରାଜ୍ୟସ୍ତରୀୟ ଜାତୀୟ ମହାକାଶ୍ ଦିବସ ହି.ସ.

ଭୁବ୍‌ନେଶ୍ୱର୍ ଠାନେ ଥିବା ଓଡ଼ିଶା ମହାକାଶ୍ ପ୍ରୟୋଗ୍ କେନ୍ଦ୍ର- ଓଆର୍‌ଏସ୍‌ଏସି ନ ରାଜ୍ୟସ୍ତରୀୟ ଜାତୀୟ ମହାକାଶ୍ ଦିବସ୍ ପାଲିତ୍ ହେଇଯାଇଛେ । ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ ।

ଜାତୀୟ ମହାକାଶ୍ ଦିବସ୍ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଏଜେ ମହାକାଶ୍ ବିଜ୍ଞାନ୍‌ର ବିକାଶ୍ ଆଉ ବୈଜ୍ଞାନିକ୍ ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ଫି’ ଜିଲ୍ଲା ନ ପ୍ଲାନେଟୋରିୟମ୍ ତିଆର୍ କର୍‌ବାର୍ କାମ୍ ଚାଲିଛେ । କିଛିଟା ଜାଗା ନ ତିଆର୍ ସର୍‌ଲାନ ଆଉ ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା । ଫି’ ବଛର୍ ୩୦ ଝନ୍ କୁନି ବୈଜ୍ଞାନିକଙ୍କୁ ଇସ୍ରୋ ପଠାଯାଉଛେ ଆଉ ସେମାନେ ମହାକାଶ୍ କେନ୍ଦ୍ର ବୁଲିକରି ବହୁତ୍ କିଛି ଶିଖି ପାରୁଛନ୍ । ଓଡ଼ିଶା ନୁ ଭିଲ୍ ଭବିଷ୍ୟତ୍‌ଥି ବହୁତ୍ ଭଲ୍ ବୈଜ୍ଞାନିକ୍ ବାହାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଶ୍ରୀମନ୍ଦିର୍ ପରିସର୍- ସ୍ତନ୍ୟପାନ ଗୃହ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌କେ ଆସୁଥିବା ଭକ୍ତମାନ୍‌କର୍ ଭିତ୍‌ରେ ସ୍ତନ୍ୟପାନ୍ କରଉଥିବା ମା ଆଉ ଶିଶୁମାନ୍‌କର୍ ଆବଶ୍ୟକତାକେ ନଜରଥି ରଖିକରି ଶ୍ରୀମନ୍ଦିର୍ ପରିସର୍ ନ ଗୁଟେ ଖାସ୍ ସ୍ତନ୍ୟପାନ ଗୃହ ତିଆର୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଶ୍ରୀମନ୍ଦିର୍ ପରିସର୍ ନ ପ୍ରଶାସନ୍‌ର ଶାଖା କାର୍ଯ୍ୟାଲୟ ପାଖେ ଇ ଖାସ୍ ଘର୍ ଥାପ୍‌ନା କରାଯିବା । ଇ ଘରେ ଗୋପନୀୟତା, ପରିମଳ ଆଉ ମା ଆଉ ଶିଶୁଙ୍କର୍ ଯତ୍ନ ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯିବା । ଗୃହ ପରିଚାଳନା ଲାଗି ଝନେ ସ୍ୱତନ୍ତ୍ର ମହିଳା ସହାୟିକା ଭିଲ୍ ସେନ ନିଯୁକ୍ତ ରହେବେ । ଇ ବ୍ୟବସ୍ତାକେ ତୁର୍‌ତି କାର୍ଯ୍ୟକାରୀ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ -କଟକ୍ ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ କଟକ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ

ଶ୍ରୀ ପ୍ରଧାନ୍ କଟକ୍ ମଧୁପାଟଣା ନୂଆପଡ଼ା ଠାନେ କେନ୍ଦ୍ରୀୟ ବିଦ୍ୟାଲୟ-୨ ର ୨ ନମ୍ବର୍ ସ୍ଥାୟୀ କେମ୍ପସ୍ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ସେକେଣ୍ଡାରୀ ବୋର୍ଡ୍ ହାଇସ୍କୁଲ୍ ପରିସର୍‌କେ ଯାଇକରି ଶିକ୍ଷକ୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ କଥା ହେଇଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ରାଜ୍ୟର୍ ଶହେ ଟା ବିଦ୍ୟାଲୟ ନ ଯୁକ୍ତ ୨ ତକ୍ ଶିକ୍ଷାଦାନ୍ ବ୍ୟବସ୍ଥା କରାଯିବା ବଲି କହିଛନ୍ ।

ପୁରା ଉଆଁସ୍          ସୁବର୍ଣ୍ଣପୁର୍/ ନୂଆପଡ଼ା/ ବୌଦ୍ଧ/ ବର୍‌ଗଡ଼୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ସପ୍ତପୁରୀ ଆମାବାସ୍ୟା ନୀତି ପାଲନ୍ କରାଯାଉଛେ । ଆଏଜ୍ ମାହାପୁରୁମାନ୍‌କୁ ଖାସ୍ ୭ ରକ୍‌ମର୍ ପୁର୍‌ଦିଆ ପିଠା ଲାଗି କରାଯିବା ।

ଇ ଅବ୍‌ସରେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ପୁରା ଉଆଁସ୍ ପରବ୍ ପାଲନ୍ କରାଯାଉଛେ । ଲୁକେ ସଂସ୍କୃତିର୍ ନିଛକ୍ ଭାବେ ଇ ଲୋକପର୍ବ ପାଲନ୍ କର୍‌ସନ୍ । ଚାଷ୍‌ବାସ୍‌ଥି ଗୋସମ୍ପଦ୍‌ର ଭୂମିକାକେ ସମ୍ମାନ୍ ଜନାବାର୍ ଇ ଉତ୍ସବ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ବର୍‌ଗଡ଼୍ ଜିଲ୍ଲା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଲୟର୍ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଆଏଜ୍ ଭିନେ ଢଙ୍ଗେ ପୁରା ଉଆଁସ୍ ପାଲନ୍ କରିଛନ୍ । ଛାତ୍ରଛାତ୍ରୀ ମାନେ ଚାଷୀ ବେଶ୍‌ଥି ସଜେଇ

ହେଇକରି ମାଟିର୍ ତିଆରି ବଲଦ୍‌କେ କାଇଁସ୍ ଫୁଲ୍‌ଥି ସଜେଇକରି ସହର୍ ପରିକ୍ରମା କରେଇଥିଲେ ।

ପୁରା ଉଆଁସ୍ ଉଲ୍‌ଗୁନେ ସୁବର୍ଣ୍ଣପୁର୍‌ର ଖାସ୍ କରି ଗଡ଼ଜାତ୍ ଇଲାକା ନ କେନ୍ କାଲୁ ଇ ପରବ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଆଏଜ୍ ସୁବର୍ଣ୍ଣପୁର୍‌ର ନିଆରା ଲଙ୍କାପୁଡ଼ି ପରବ୍ ଭିଲ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଟେରାକୋଟାର୍ ଖେଲ୍‌ନା ହନୁମାନ୍‌ଙ୍କର୍ ଲେଞ୍ଜେ ଜୁଏ ଲଗେଇକରି ଛୁଆମାନେ ସହରର୍ ଗଲିକନ୍ଦି ନ ବୁଲାବାର୍ ପରମ୍ପରା ରହିଛେ ।

ବୌଦ୍ଧ ଜିଲ୍ଲା ନ ଆଏଜ୍ ଇଷ୍ଟଦେବୀ ମାଁ ଭୈରବୀଙ୍କର୍ ପୀଠ ନ ପାରମ୍ପରିକ୍ ରୀତିନୀତିଥି ସ୍ୱତନ୍ତ୍ର ପୂଜା କରାଯାଇଛେ । ମାଟି ପାତ୍ରକେ ଚାଁଗ୍‌ରିଥି ରଖିକରି ନୂଆଁ ଶସ୍ୟ ଭଗବତୀଙ୍କର୍ ଆଗାଡ଼େ ସମର୍ପଣ୍ କରାଯାଇଥିଲା । ହେନ୍ତା ଗ୍ରାମଦେବୀ ପୀଠମାନ୍‌କେ ଭିଲ୍ ପୁରା ଉଆଁସ୍ ତିଥି ନ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଇଛେ । ଛୋଟ୍‌ଛୋଟ୍ ଛୁଆମାନେ କାଠ୍ ଆର୍ ମାଟିଥି ତିଆର୍ ହେଇଥିବା ହାତୀ, ଘୁଡ଼ା, ଷଣ୍ଢ, ପୁତ୍‌ଲିମାନକୁ ଫୁଲ୍ ସିନ୍ଦୁର୍ ଦେଇକରି ଗାଁ ପରିକ୍ରମା କରୁଥିବାର୍ ଦେଖିବାର୍‌କେ ମିଳିଥିଲା ।

ଚାଷୀ ପଞ୍ଜିକରଣ୍ ହି.ସ.

ଖରିଫ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଆଏବା ୨୫ ତାରିଖ୍ତକ୍ ଚାଲ୍ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ଇହାଦେତକ୍ ରାଏଜେ ୧୭ ଲାଖ୍ ଚାଷୀ ଧାନ୍ ବିକ୍ବାର୍ ଲାଗି ପଞ୍ଜିକରଣ୍ କରିଛନ୍ । ୨୫ ତାରିଖ୍ତକ୍ ୨୦ ଲାଖ୍ ଚାଷୀ ପଞ୍ଜିକରଣ୍ କର୍ବାର୍ ସମ୍ଭାବନା ରହିଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବୁଲା କୁକୁର୍ ଗନ୍ତି          ହି.ସ.

ରାଜ୍ୟ ସର୍କାର୍ ତର୍ଫୁ ବୁଲା କୁକୁର୍ମାନ୍କର୍ ବନ୍ଧ୍ୟାକରଣ୍, ଗନ୍ତି ଆଉ ଟୀକାକରଣ୍ କରାଯିବା ବଲି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ସେ କହିଛନ୍, ଇ ବାବ୍ଦେ ସୁପ୍ରିମ୍କୋର୍ଟଙ୍କର୍ ନିର୍ଦ୍ଦେଶ୍କେ କଡ଼ାକାଡ଼ି ଭାବେ ପାଲନ୍ କରାଯିବା । ରାଏଜେ ୭ ଲାଖ୍ ବୁଲା କୁକୁର ଆଉ ୬୪ ହଜାର୍ ପୋଷା କୁକୁର୍ ଅଛନ୍ । କୁକୁର୍ ମାନ୍କର୍ ବନ୍ଧ୍ୟାକରଣ୍ କରାଯାଇକରି ଛାଡ଼ି ଦିଆଯିବା । ମାତରକ ହିଂସ୍ର ଆଉ ଜଳାତଙ୍କ ରୋଗ୍ଥି ପିଡ଼ିତ୍ ଥିବା କୁକୁର୍ ମାନ୍କୁ ଆଶ୍ରୟସ୍ଥଲ୍ ନ ରଖାଯିବା ବଲି ମନ୍ତ୍ରୀ କହିଛନ୍ ।

ସଫେଇ ଅଭିଯାନ-ପ୍ରସ୍ତୁତି ବୈଠକ୍     ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବ୍ୟାପୀ ବ୍ୟାପକ୍ ସଫେଇ ଅଭିଯାନ୍ କର୍‌ବାର୍ ଲାଗି ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଘରେ ଘରେ ସଫେଇ ଅଭିଯାନ୍ ଆଉ ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ନେଇକରି ରଣନୀତି ବନାଯାଇଥିଲା । ଇଥି ଜିଲ୍ଲା ଆଉ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବୌଦ୍ଧ ବିଦ୍ୟାଳୟ-କାରଣ ଦର୍ଶାଅ ନୋଟିସ୍   ବୌଦ୍ଧ ସମ୍ବାଦଦାତା

ସ୍ୱାଧୀନତା ଦିବସ୍ ଦିନ ବିଦ୍ୟାଳୟ ମାନ୍‌କେ ମଧାହ୍ନ ଭୋଜନ୍ ନାଇଁ ଦେଇଥିବାର୍‌ନୁ ବୌଦ୍ଧ ଜିଲ୍ଲାର୍ ୫୬ ଟା ବିଦ୍ୟାଳୟକେ ଜିଲ୍ଲା ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ । ହର୍‌ଭଙ୍ଗା ବ୍ଲକ୍‌ର ୩୩ ଟା, ବୌଦ୍ଧ ବ୍ଲକ୍‌ର ୧୫ ଟା ଆଉ କଂଟାମାଲ୍ ବ୍ଲକ୍‌ର ୮ ଟା ବିଦ୍ୟାଳୟକେ ନୋଟିସ୍ ଜାରି କରାଯାଇଛେ । ୩ ଝନ୍ ବ୍ଲକ୍

ଶିକ୍ଷାଧିକାରୀଙ୍କୁ ଭିଲ୍ ଇ ନୋଟିସ୍ ଜାରି କରାଯାଇଥିବାର୍ ଜନାପଡ଼ିଛେ ।

ପାଣିପାଗ/ହୀରାକୁଦ୍ ଆର୍ଏନ୍ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ଆର୍ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ତିଆର୍ ହେଇଛେ । ଇତାର୍ ପ୍ରଭାବ୍ଥି ଆଏବା ୫ ଦିନ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦର୍ଗଡ୍, ବର୍ଗଡ୍, ଝାର୍ସୁଗୁଡ଼ା ଆର୍ କେନ୍ଦୁଝର୍ ନ ଘଡ଼୍ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।

ଉପର୍ମୁଡ଼େ ଜବର୍ ବର୍ଷା ଲାଗି ରହୁଥିବାର୍ନୁ ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ବଢ଼୍ବାର୍କେ ଲାଗିଛେ । ଜଲ୍ଭଣ୍ଡାର୍ନୁ ଆଏଜ୍ ଦୁଇଟା ଖେପ୍ଥି ୮ ଟା ଗେଟ୍ ଖୁଲାଯାଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଇହାଦେର୍ ଥିତିକେ ନଜର୍ଥି ରଖିକରି ମହାନଦୀ ଭିତର୍କେ କେହି ନାଇଁ ଯିବାର୍କେ ସତର୍କ କରାଯାଇଛେ । ଇ ବାବ୍ଦେ ହୀରାକୁଦ୍ ଜଲ୍ଭଣ୍ଡାର୍ର ମୁଖ୍ୟଯନ୍ତ୍ରୀ ସୁଶୀଲ୍ କୁମାର୍ ବେହେରା କହିଛନ୍....

(ଭଏସ୍ ଓଭର୍- ଜଲ୍‌ଭଣ୍ଡାର୍ ମୁଖ୍ୟଯନ୍ତ୍ରୀ)